## ସଂକ୍ଷେପରେ

### ଦୁଇ ବାଇକ୍ ଧକ୍କା, ଜଣେ ମୃତ

**କାମାକ୍ଷାନଗର, ୨୪।୧(ଡି.ଏନ.ଏ.):** କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ବାରୁଆଁ (କା) ପଞ୍ଚାୟତ ଅଘିରାଗୋଡ଼ା ନିକଟରେ ଶୁକ୍ରବାର ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଅଘିରାଗୋଡ଼ାର କାଶୀନାଥ ପାତ୍ର। ଏଥିରେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଇଚ୍ଛାବତୀପୁରର ରାକା ହୋତା ଏବଂ ତାଙ୍କର ଜଣେ ସମ୍ପର୍କୀୟ ଗୋଟିଏ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ବିପରୀତ ପାର୍ଶ୍ୱରୁ ଆସୁଥିବା କାଶୀନାଥଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ରାକା ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଏକ ଅଟୋରିକ୍ସାରେ ଅଁଳାବେରେଣୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଢେଙ୍କାନାଳ ନିଆଯିବା ବାଟରେ କାଶୀନାଥଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପଣ୍ଡୁଆ ଫାଣ୍ଡି ଅଧିକାରୀ ଶ୍ୱେତପଦ୍ମା ବିଶ୍ୱାଳ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ମନେପଡ଼ିଲେ ନେତାଜୀ, ସାଏ

**ଢେଙ୍କାନାଳ ଅଫିସ, ୨୪।୧:** ଢେଙ୍କାନାଳ ସଦର ବ୍ଲକ ବଳଦିଆବନ୍ଧସ୍ଥିତ ଗୌରାଙ୍ଗ ଚରଣ ବିଦ୍ୟାପୀଠ ପରିସରରେ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଲେଙ୍କା ପୌରୋହିତ୍ୟ କରି ଦୁଇ ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଦୁଇ ଜନନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶିକ୍ଷକ ଟୁଟୁ ମିଶ୍ର ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଆଶୀର୍ବାଦ ନାୟକ ପ୍ରଥମ, ସୋମେଶ ମଲ୍ଲିକ ଦ୍ୱିତୀୟ, ପୂଜା ନାୟକ ଏବଂ ଅମ୍ବାଲିସା ନାୟକ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ଶୈଳେନ୍ଦ୍ର ପଟ୍ଟନାୟକ, ଚିତ୍ତରଞ୍ଜନ ମହାନ୍ତି, ନିରଞ୍ଜନ ବେହେରା, ଗୌତମ ପ୍ରଧାନ, ବୈଷ୍ଣବ ଚରଣ ବଡୁ, ଶିକ୍ଷୟିତ୍ରୀ ସୁରଜିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପରେଡ ପାଇଁ ଅଭ୍ୟାସ ଶେଷ

**ଢେଙ୍କାନାଳ ଅଫିସ, ୨୪।୧:** ଢେଙ୍କାନାଳ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପରେଡ ଅଭ୍ୟାସ ଏବଂ ପ୍ରସ୍ତୁତି ଶେଷ ହୋଇଛି। ମିଳିତ ପରେଡରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିବେ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ହୋଇଛି। ସକାଳ ସାଢ଼େ ୭ଟାରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ସାଢ଼େ ୮ଟାରେ ସ୍ଥାନୀୟ ଷ୍ଟାଡିୟମରେ ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ମନ୍ତ୍ରୀ ପଣ୍ଡା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଶିଶୁମନ୍ଦିରରେ କନ୍ୟା ଶିବିର

**ଢେଙ୍କାନାଳ ଅଫିସ, ୨୪।୧:** ଓଡ଼ାପଡ଼ା ବ୍ଲକ ସିମିନଈ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର କନ୍ୟା ଏବଂ ବାଲ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଶକ୍ତିସୁଧା ଶୁଭଦର୍ଶିନୀ ଯୋଗଦେଇ କିଶୋରୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ। ସଭାପତି ମୋହନମୁରାରୀ ମିଶ୍ର, ସହସମ୍ପାଦକ ବସନ୍ତ କୁମାର ନାୟକ, କୋଷାଧ୍ୟକ୍ଷ ଗୌରାଙ୍ଗ ଚରଣ ରାଉତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଶିବିର ପ୍ରମୁଖ ପଲ୍ଲବୀ ଶତପଥୀ, ଯାଜ୍ଞସେନୀ ମହାନ୍ତି, ବାଲଶିବିର ପ୍ରମୁଖ ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଧାନ ବିକ୍ରି କରିପାରିଲେନି ଚାଷୀ

**କାମାକ୍ଷାନଗର, ୨୪।୧(ଡି.ଏନ.ଏ.)**


ଧାନକିଣା ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ଚାଷୀମାନେ।

- କାମାକ୍ଷାନଗର, କାଦୁଆ ମଣ୍ଡିରେ ଉତ୍ତେଜନା
- ସମବାୟ ସମିତିରେ ତାଲା ପକାଇ ପ୍ରତିବାଦ
- ଟୋକନ୍ ଅନୁଯାୟୀ ଧାନ କିଣାଯାଇ ନ ଥିବା ଅଭିଯୋଗ
- କେହି ବାଦ୍ ପଡ଼ିବେ ନାହିଁ: ଯୋଗାଣ ଅଧିକାରୀ

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ବିଭିନ୍ନ ମଣ୍ଡିରେ ଶୁକ୍ରବାର ଧାନକଟାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଧାନକିଣା ପ୍ରକ୍ରିୟାରୁ ଟୋକନଧାରୀ ବାଦ୍ ଦିଆଯାଇଥିବା ଅଭିଯୋଗ କରି କାମାକ୍ଷାନଗର ସେବାସମବାୟ ସମିତିରେ ଚାଷୀମାନେ ତାଲା ପକାଇ ଦେଇଥିଲେ। ସେହିପରି କାଦୁଆ ସେବା ସମବାୟ ସମିତିର ଶତାଧିକ ଚାଷୀ ଏକାଠି ହୋଇ ଉପଜିଲାପାଳଙ୍କୁ ଭେଟି ଦାବି ଜଣାଇବାକୁ ଆସିଥିଲେ।

କାମାକ୍ଷାନଗର ସେବାସମବାୟ ସମିତିରେ ଟୋକନ ଅନୁଯାୟୀ କ୍ରମିକ ନମ୍ବରରେ ଥିବା ୧୨୦ ଜଣ ଚାଷୀ ଧାନ ଦେଇସାରିଛନ୍ତି। ପରବର୍ତ୍ତୀ ମଣ୍ଡିରେ ୧୨୧ ନମ୍ବର ଟୋକନଧାରୀ ଚାଷୀଙ୍କ ଧାନ କିଣାଯିବା କଥା। ହେଲେ ଯୋଗାଣ ବିଭାଗ ପକ୍ଷରୁ ୨୨୨ ନମ୍ବର ଟୋକନଧାରୀଙ୍କ ଧାନ କ୍ରୟ କରିବାକୁ ନିର୍ଦ୍ଦେଶ ଆସିଥିଲା। ଫଳରେ କାନପୁରା, ଜିରିଡାମାଳି, ଗୁଣ୍ଡିଚାନାଳୀ, ଆଳତୁମା, ଇନ୍ଦୁପୁର, ରେକୁଳା ଆଦି ଗ୍ରାମର ଶତାଧିକ ଚାଷୀ ଏକାଠି ହୋଇ ଏହାର ପ୍ରତିବାଦ କରିଥିଲେ। ଏଥିସହ ସେବା ସମବାୟ ସମିତିରେ ତାଲା ପକାଇ ଦେଇଥିଲେ। ସେହିପରି କାଦୁଆରେ ମଧ୍ୟ ସମାନ ସମସ୍ୟା କାରଣରୁ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାକୁ ନେଇ ଦିନତମାମ ଚାପା ଉତ୍ତେଜନା ଲାଗି ରହିଥିଲା।

ଏ ନେଇ ଉପଖଣ୍ଡ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁ କୁହନ୍ତି, ବୈଷୟିକ ସମସ୍ୟାରୁ ଏପରି ଅବ୍ୟବସ୍ଥା ଦେଖାଦେଇଛି। ମଣ୍ଡି ପାଇଁ ଦୁଇ ଦଫାରେ ଟୋକନ ଆସେ। ଟୋକନଧାରୀମାନେ ୧୫ ତାରିଖ ସୁଦ୍ଧା ସେମାନଙ୍କ ଧାନ ବିକ୍ରି କରିବାକୁ ନିୟମ ରହିଛି। ହେଲେ କମ୍ ମଣ୍ଡି ହେଉଥିବା ଏବଂ ମିଲରଙ୍କ ଅଭାବ ଯୋଗୁ ୨୪ ତାରିଖ ସୁଦ୍ଧା ପ୍ରଥମ ପର୍ଯ୍ୟାୟର ଟୋକନଧାରୀ ଚାଷୀଙ୍କ ଧାନ ବିକ୍ରି ହୋଇପାରିନାହିଁ। ଏଣୁ ଦ୍ୱିତୀୟ ପର୍ଯ୍ୟାୟରେ ଆସିଥିବା ଟୋକନଧାରୀ ଚାଷୀଙ୍କ ଧାନ ଖରିଦ କରିବାକୁ ଯୋଗାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ସମସ୍ତ ଚାଷୀଙ୍କ ଧାନ କିଣାଯିବ। କେହି ବାଦ୍ ପଡ଼ିବେ ନାହିଁ। ଚାଷୀମାନେ ଧୈର୍ଯ୍ୟ ଧରିବାକୁ ଯୋଗାଣ ଅଧିକାରୀ ନିବେଦନ କରିଛନ୍ତି।

## ରାସ୍ତା ନିର୍ମାଣରେ ବିଳମ୍ବ, ବଢୁଛି ଅସନ୍ତୋଷ

**ଭାପୁର, ୨୪।୧(ଡି.ଏନ.ଏ.)**



ଢେଙ୍କାନାଳ ସଦର ବ୍ଲକ ଭାପୁର ପଞ୍ଚାୟତ ପୋଷ୍ଟଅଫିସ ଗଳିରାସ୍ତା ନିର୍ମାଣ ବିଳମ୍ବିତ ହେଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅଞ୍ଚଳର ଅନ୍ୟତମ ଏହି ବ୍ୟସ୍ତବହୁଳ ରାସ୍ତା ଉପରେ ଦୈନିକ ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ଗ୍ୟାସ୍ ଗୋଦାମ୍, ପିଡିଏସ୍ ସାମଗ୍ରୀ ବିତରଣ କେନ୍ଦ୍ର ଏବଂ ଶିଶୁ ମନ୍ଦିରକୁ ଯିବାକୁ ଏହି ରାସ୍ତା ଏକମାତ୍ର ମାଧ୍ୟମ। ହେଲେ ରକ୍ଷଣାବେକ୍ଷଣ ଏବଂ ମରାମତି ଅଭାବରୁ ରାସ୍ତା ଶୋଚନୀୟ ହୋଇପଡ଼ିଥିଲା। ଏ ନେଇ ଗତ ନଭେମ୍ବର ୭ରେ 'ଧରିତ୍ରୀ'ରେ ଖବର ପ୍ରକାଶିତ ହେବା ପରେ ରାସ୍ତା ନିର୍ମାଣ ଲାଗି ତତ୍ପରତା ଦେଖାଇଥିଲେ ପଞ୍ଚାୟତ କର୍ତ୍ତୃପକ୍ଷ। ଏଥିଲାଗି ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ୧୫ଦିନ ତଳେ କାମ ଆରମ୍ଭ ହୋଇଛି। ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବାକୁ ମାଟି ଖୋଳାଯାଇଛି। ସେହିପରି ରାସ୍ତା ଉପରେ ବାଲି ଗଦା କରି ରଖାଯାଇଛି। ହେଲେ ରାସ୍ତାକାମ ଆଗଉନାହିଁ। ରାସ୍ତା ମଝିରେ ନିର୍ମାଣ ସାମଗ୍ରୀ ପକାଯାଇଥିବାରୁ ଯାତାୟତରେ ବାଧା ସୃଷ୍ଟି ହେଉଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଏ ନେଇ ସରପଞ୍ଚ ପୁଷ୍ପଲତା ଭୋଇ କୁହନ୍ତି, କାମ ତ୍ୱରାନ୍ୱିତ କରିବାକୁ ଉଦ୍ୟମ କରାଯାଉଛି। ନିର୍ବାହୀ ଅଧିକାରୀ ଇମ୍‌ରାନ ଖାନ୍ କୁହନ୍ତି, ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁ ରାସ୍ତା ନିର୍ମାଣରେ ବିଳମ୍ବ ହେଉଛି। ୨ଦିନ ମଧ୍ୟରେ ପୁନର୍ବାର କାମ ଆରମ୍ଭ ହେବ।

## ଶିକ୍ଷା ଜୀବନର ମୂଳମନ୍ତ୍ର


ବାର୍ଷିକ ଉତ୍ସବରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ଗୁଡିଆନାଳୀ ନୂଆପୋଖରୀ ନିକଟରେ ଥିବା ଓମ୍ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ମୁଖ୍ୟବକ୍ତା ଶରତ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଦୋଳଗୋବିନ୍ଦ ଆଚାର୍ଯ୍ୟ, ଉପଦେଷ୍ଟା ନଳିନୀ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ହିଁ ଜୀବନର ମୂଳମନ୍ତ୍ର। ପାଠପଢ଼ିବା ସହିତ ବିଭିନ୍ନ ଘଟଣା, ଦୁର୍ଘଟଣାକୁ ଜ୍ଞାନ ଅର୍ଜନ କରି ଭଲ ମଣିଷ ହେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ସଭାପତି ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ପ୍ରଧାନ ଶିକ୍ଷୟିତ୍ରୀ ହୈମବତୀ ମିଶ୍ର, ଶିକ୍ଷୟିତ୍ରୀ ତୃପ୍ତିମୟୀ ମିଶ୍ର, ପୁଷ୍ପାରାଣୀ ମିଶ୍ର, କାଳିକା ଦାସ, ଝରଣା ମିଶ୍ର, ଶୁଭସ୍ମିତା ଦାସ, ରାଜେଶ୍ୱରୀ ବେହେରା, ନାରାୟଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ବରିଷ୍ଠ ନାଗରିକ ପରିଷଦ ଗଠିତ

**ଢେଙ୍କାନାଳ ଅଫିସ, ୨୪।୧**

ସରକାରୀ ସୁବିଧାରୁ ବଞ୍ଚିତ ବୟସ୍କ ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନ ଏବଂ ସହଯୋଗର ହାତ ବଢ଼ାଇବାକୁ ଓଡ଼ାପଡ଼ା ବ୍ଲକର ସିମିନଈ ଏବଂ ଗଦାଶିଳା ଅଞ୍ଚଳର ବୟସ୍କ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ହୋଇଛି ବରିଷ୍ଠ ନାଗରିକ ପରିଷଦ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶାଙ୍କ ଶେଖର ରଥ ସଭାପତିତ୍ୱ କରିଥିଲେ। ବୈଠକରେ ମୋହନ ମୁରାରୀ ମିଶ୍ର, ଲଳିତ ମୋହନ ସାହୁ, ପୁରୁଷୋତ୍ତମ ରାଉତ, କୈଳାସ ଚନ୍ଦ୍ର ରାଉତ, ଅକ୍ଷୟ କୁମାର ରଥ, ଉମେଶ ଚନ୍ଦ୍ର ରାଉତ, ସର୍ବଜ୍ଞ ସାହୁ, ଗୌରାଙ୍ଗ ଚରଣ ରାଉତ, ବସନ୍ତ ନାୟକ, କୃଷ୍ଣଚନ୍ଦ୍ର ପରିଡ଼ା, ଗୋବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ପୂର୍ଣ୍ଣାଙ୍ଗ ବୈଠକରେ ଆସନ୍ତା ୯ ତାରିଖରେ ସାଇଁବିରି ଶିବମନ୍ଦିରରେ ଅନୁଷ୍ଠିତ ହେବ। ଦାଣ୍ଡିମାଳ ଅଞ୍ଚଳର ବରିଷ୍ଠ ନାଗରିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ନିବେଦନ କରାଯାଇଛି।

## ଅମ୍ଳ ବର୍ଷା ପାଇଁ ମନୁଷ୍ୟ ଦାୟୀ

**କାମାକ୍ଷାନଗର, ୨୪।୧(ଡି.ଏନ.ଏ.)**



ଅତିଥି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ଢେଙ୍କାନାଳ ଜିଲା ମଠକରଗୋଳା କଲେଜ ସମ୍ମିଳନୀ କକ୍ଷରେ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର 'ଅମ୍ଳ ବର୍ଷା ପରିବେଶ ପାଇଁ ବିପଦ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଜିରାଳ କଲେଜର ରସାୟନ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରହ୍ଲାଦ ଅଗସ୍ତି ଯୋଗଦେଇ ଅମ୍ଳ ବର୍ଷା ପାଇଁ ମନୁଷ୍ୟ ଦାୟୀ ବୋଲି ମତବ୍ୟକ୍ତ କରିଥିଲେ। କାମାକ୍ଷାନଗର କଲେଜ ଅଧ୍ୟାପକ ଶ୍ରୀକାନ୍ତ ପ୍ରଧାନ ଅମ୍ଳବର୍ଷାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅମ୍ଳବର୍ଷାକୁ ରୋକାଯାଇପାରିଲେ ସବୁଜ ପୃଥିବୀ ନିଜର ସ୍ଥିତି ବଜାୟ ରଖିବ ବୋଲି ମତପ୍ରକାଶ ପାଇଥିଲା।

ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପ୍ରତିଭା ମଞ୍ଜରୀ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଜୟଲକ୍ଷ୍ମୀ ପରିଡ଼ା, ଶୁଭସ୍ମିତା କାଣ୍ଡି, ଶୁଭ୍ରଜ୍ୟୋତି ନାୟକ, ମନସ୍ୱିନୀ ପାତ୍ର, ଦେବରାଜ ମହାନ୍ତ ପ୍ରମୁଖ ସନ୍ଦର୍ଭପାଠ କରିଥିଲେ। ପ୍ରଦୀପ୍ତା ମହାପାତ୍ର, ସୁଧାଂଶୁ ଶେଖର ପାତ୍ର ସୁସ୍ଥ ମସ୍ତିଷ୍କ ଓ ସୁସ୍ଥ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠର ସଂଯୋଜକ ଡ. କୈଳାସ ଚନ୍ଦ୍ର ଦାସ, ଅଧ୍ୟାପକ ହିମାଂଶୁ ଶେଖର ମହନ୍ତ, ରୋଜାଲିନ ପୃଷ୍ଟି, ପ୍ରଫୁଲ୍ଲ ସାମଲଙ୍କ ସମେତ ବିଭାଗର ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## କନ୍ୟା ଦିବସ ଉପଲକ୍ଷେ ଦସ୍ତଖତ ଅଭିଯାନ




**ଢେଙ୍କାନାଳ ଅଫିସ, ୨୪।୧**

ଜାତୀୟ କନ୍ୟା ଦିବସ ପାଳନ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଶୋ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ ନିକଟରେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ଇନରହ୍ୱିଲ କ୍ଲବର କର୍ମକର୍ତ୍ତା ଏବଂ ଇଶୋର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ଏବଂ ସମ୍ମାନିତ ଅତିଥି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଅଭିଯାନରେ ସାମିଲ ହୋଇଥିଲେ। କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ସ୍ଲୋଗାନ ଦିଆଯାଇଥିଲା। ଇଶୋର ସମ୍ପାଦିକା ପୁଷ୍ପାଞ୍ଜଳି ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଭୋଟର ଦିବସ ଉପଲକ୍ଷେ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨୪।୧**




ଢେଙ୍କାନାଳ ଜିଲା ନିର୍ବାଚନ ଅଧିକାରୀ ଏବଂ ଓଡ଼ିଶା ଇଲେକ୍ସନ ୱାଚ ଶାଖାର ମିଳିତ ସହଯୋଗରେ ସ୍ଥାନୀୟ ବଳରାମ ହାଇସ୍କୁଲ ପରିସରରେ ଜାତୀୟ ଭୋଟର ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବକ୍ତୃତାରେ ବିବି ହାଇସ୍କୁଲର ଅଭିଷେକ ଦାସ ପ୍ରଥମ, ବଳରାମ ହାଇସ୍କୁଲର ରୋଜାଲିନ ଭୋଇ ଦ୍ୱିତୀୟ, ସୌଦାମିନୀ ହାଇସ୍କୁଲର ସୌମ୍ୟରଞ୍ଜନ ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରବନ୍ଧରେ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପିନାଲି ପ୍ରିୟଦର୍ଶିନୀ ପ୍ରଥମ, ବିବି ହାଇସ୍କୁଲର ଅଭିଷେକ ଦାସ ଦ୍ୱିତୀୟ ଏବଂ ବଳରାମ ହାଇସ୍କୁଲର ରୋଜାଲିନ ଭୋଇ ତୃତୀୟ ହୋଇଛନ୍ତି।

କ୍ଷେତ୍ରବାସୀ ସାହୁ, ସରୋଜକାନ୍ତ ଦାସ, ସାରଙ୍ଗଧର ମିଶ୍ର, ମମତା କୁମାରୀ ନନ୍ଦ, ହୃଦାନନ୍ଦ ପ୍ରଧାନ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଜିଲା ନିର୍ବାଚନ ଅଧିକାରୀ ଭଜନାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ ଓଡ଼ିଶା ଇଲେକ୍ସନ ୱାଚ୍‌ର ସମ୍ପାଦକ ଶେଷଦେବ ରାଉତ, ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ସୌମ୍ୟାଶ୍ରୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋରେ ଖବର


ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଶିଶୁ ଉଦ୍ୟାନରେ ଥିବା ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଦଳୀୟ କର୍ମକର୍ତ୍ତାମାନେ।



ଜାତୀୟ କନ୍ୟାସନ୍ତାନ ଦିବସ ପାଳନ ଅବସରରେ ଶୁକ୍ରବାର ଢେଙ୍କାନାଳ ଜିଲା ଗଁଦିଆ ବ୍ଲକସ୍ଥିତ ରାମଚନ୍ଦ୍ରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନେ ପ୍ଲାକାର୍ଡ ଧରି ସଚେତନତା ବାଣ୍ଟୁଛନ୍ତି।

## ଯୁବକଙ୍କୁ ଆକ୍ରମଣ

**କାମାକ୍ଷାନଗର, ୨୪।୧(ଡି.ଏନ.ଏ.)**

କାମାକ୍ଷାନଗର ଥାନା ଖଟଖୁରା ଗ୍ରାମର ପ୍ରେମାନନ୍ଦ ସାହୁଙ୍କ ଉପରେ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ ହୋଇନାହିଁ। ହାତୀ ଘଉଡ଼ାଇବା ପାଇଁ ଟର୍ଚ୍ଚ ଆଲୁଅ ପକାଇବାକୁ ନେଇ ଗାଁରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ବୁଝାଶୁଝା କରିବାକୁ ଆସିଥିବାବେଳେ ପ୍ରେମାନନ୍ଦଙ୍କ ଉପରେ ଆକ୍ରମଣ ହୋଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଥଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡ଼ା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ଛେଣ୍ଡିପଦା,୨୪।୧(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ବାଲିପଟା ଗ୍ରାମରେ ବାଇକ୍ ଧକ୍କାରେ ସେହି ଗ୍ରାମର ରମାକାନ୍ତ ପ୍ରଧାନଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ପୋଲିସ କହିଛି, ଗୁରୁବାର ରାତିରେ ରମାକାନ୍ତ ବାଲିପଟାରୁ ଭଲିବଲ ମ୍ୟାଚ ଦେଖି ଚାଲିଚାଲି ଆସୁଥିବାବେଳେ ଏକ ବାଇକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ରମାକାନ୍ତଙ୍କୁ ଛେଣ୍ଡିପଦା ଓ ପରେ ଅନୁଗୋଳ ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ନଂ. ୧୩/୨୦ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କାହାରିକୁ ଗିରଫ କରାଯାଇ ନ ଥିବା ପୋଲିସ ପ୍ରକାଶ କରିଛି।

### ପରିତ୍ୟକ୍ତ କୂଅରୁ ବାର୍ହା ଉଦ୍ଧାର



ଛେଣ୍ଡିପଦା,୨୪।୧(ସ୍ୱ.ପ୍ର.)- ଛେଣ୍ଡିପଦା ବନାଞ୍ଚଳ ବାହାଲସାହି ପଞ୍ଚାୟତ ସଡକସାହିସ୍ଥିତ ବଗିଚାରେ ଥିବା ଏକ ପରିତ୍ୟକ୍ତ କୂଅରୁ ଶୁକ୍ରବାର ବାର୍ହା ଉଦ୍ଧାର କରାଯାଇଛି। ଘଟଣାରୁ ଜଣାପଡ଼ିଛି, କେଜେଣ ଶିକାରୀ ପିଛା କରିବାରୁ ବାର୍ହାଟି କୂଅରେ ଖସିପଡ଼ିଥିଲା। କିଛି ଶବ୍ଦ ଶୁଣି ଗ୍ରାମବାସୀ କୂଅ ନିକଟକୁ ଆସି ବାର୍ହା ପଡିଥିବା ଦେଖିବା ପରେ ଛେଣ୍ଡିପଦା ବନବିଭାଗକୁ ଖବର ଦେଇଥିଲେ। ଛେଣ୍ଡିପଦା ରେଞ୍ଜର ମନମୋହନ ସ୍ୱାଇଁ ଓ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ପରେ ଛେଣ୍ଡିପଦା ଅଗ୍ନିଶମ କର୍ମଚାରୀ ସୁରକ୍ଷିତ ଭାବେ ବାର୍ହାଟିକୁ ଉଦ୍ଧାର କରିଥିଲେ।

### ଚୋରି ସାମଗ୍ରୀ ଉଦ୍ଧାର, ଜଣେ ଗିରଫ

କଣିହାଁ,୨୪।୧(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ଶୁକ୍ରବାର ଚୋରି ସାମଗ୍ରୀ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଟୋଲକବେଡ଼ା ମୁଣ୍ଡାହଟିଂର ରାଜୁ ମୁଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଟୋଲକବେଡ଼ା ଗ୍ରାମର ସୁରେଶ ଚନ୍ଦ୍ର ସାହୁଙ୍କ ଭଡ଼ା ଘରେ ଅନେକ ବ୍ୟକ୍ତି ରହୁଛନ୍ତି। ୨୨ ତାରିଖ ରାତିରେ ସେଠାରୁ ୪ଟି ମୋବାଇଲ, ପାୱାର ବ୍ୟାଙ୍କ, ମନିପର୍ସ ସହ ଟଙ୍କା ଚୋରି ହୋଇଥିଲା। ମାନସ ପାଲଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୩/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଟାଭେରାକୁ ଧକ୍କା ଦେଲା ଟ୍ରକ୍

କଣିହାଁ,୨୪।୧(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ଅଧୀନ ୪୯ ନଂ.ଜାତୀୟ ରାଜପଥର ଡେରାଗୋଳାଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟାଭେରାକୁ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଉକ୍ତ ଟାଭେରାରେ ଖୋର୍ଦ୍ଧା ଓ କଟକ ଜିଲାର ୮ ଜଣ ଯୁବକ ଭୋଜି ପାଇଁ ରାଉରକେଲା ଅଭିମୁଖେ ଯାଉଥିଲେ। ଏ ନେଇ ବାରଙ୍ଗର ଜୟକୃଷ୍ଣ ସ୍ୱାଇଁଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ସନ୍ତୋଷ ଶତପଥୀ, ଆଇଆଇସି ଚାରୁଲତା ବେହେରା ସୂଚନା ଦେଇଛନ୍ତି।

### ମାଲ୍ୟଗିରି କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ପାଲଲହଡ଼ା,୨୪।୧(ଡି.ଏନ.ଏ.)- ପାଲଲହଡ଼ା ଉପଖଣ୍ଡର ସର୍ବପୁରାତନ ମାଲ୍ୟଗିରି କଲେଜର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର କଲେଜ ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଅନିଲ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପାଲଲହଡା ବିଧାୟକ ମୁକେଶ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର,ଅନୁଷ୍ଠାନର ସମସ୍ତ ଅଧାପକଅଧାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ମାସିକ ୨ ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ଦିଆଯାଉ

**ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଦାବି**



ଖବରଦାତା ସମ୍ମିଳନୀରେ ଉପସ୍ଥିତ କମିଟି କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ୍/ଅନୁଗୋଳ ସହର, ୨୪।୧

ଶିଳ୍ପ ଓ କୋଇଲା ଖଣି ଦ୍ୱାରା ପ୍ରଦୂଷିତ ଅନୁଗୋଳ ଜିଲାବାସୀଙ୍କୁ ସର୍ବନିମ୍ନ ମାସକୁ ୨ ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଇଦେବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ କରିବା, ବିଲ୍ ଆଦାୟ ନାଁରେ ଶୋଷଣ ଓ ବିଦ୍ୟୁତ୍ କାଟ୍ ବନ୍ଦ କରିବା ପାଇଁ ଶୁକ୍ରବାର ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଦାବି କରାଯାଇଛି।

କମିଟି ପକ୍ଷରୁ କୁହାଯାଇଛି ଯେ, ଜିଲାରେ ଚାରିଟି ବୃହତ୍ ତାପଜ ବିଦ୍ୟୁତ୍ ଶିଳ୍ପ ସହିତ ୧୭ଟି କୋଇଲା ଖଣି ରହିଛି। ଉକ୍ତ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକରୁ ଦୈନିକ ପ୍ରାୟ ୭ ହଜାର ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇ ଓଡ଼ିଶା ସହ ଅନ୍ୟ ରାଜ୍ୟକୁ ପଠାଯାଉଛି। ମାତ୍ର ଦୀପତଳ ଅନ୍ଧାର ଭଳି ଜିଲାବାସୀ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ପାଇପାରୁନାହାନ୍ତି। ଅନେକ ଶିଳ୍ପପତି ଓ ବିଭିନ୍ନ କମ୍ପାନୀକୁ ଶହ ଶହ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ଛାଡ କରାଯାଉଥିବାବେଳେ ସାମାନ୍ୟ କେତେ ଟଙ୍କା ପାଇଁ ସାଧାରଣ ଗ୍ରାହକଙ୍କ ବିଦ୍ୟୁତ୍ କାଟ୍ କରାଯାଉଛି। ବକେୟା ଦେବାକୁ ସରକାରୀ ସଂସ୍ଥାକୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ସମୟ ଦିଆଯାଇଥିବାବେଳେ ପିଲାଙ୍କ ପରୀକ୍ଷା ମୁଣ୍ଡ ଉପରେ ଥାଇ ବି ସାଧାରଣ ଗ୍ରାହକଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯିବାକୁ କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଉଛି। ଓଡ଼ିଶାରେ ପ୍ରତିଷ୍ଠିତ ରାଷ୍ଟ୍ରାୟତ୍ତ ତାପଜ ବିଦ୍ୟୁତ୍ ଶିଳ୍ପରୁ ରାଜ୍ୟ ପାଇଁ ୨୫ରୁ ୩୩ ପ୍ରତିଶତ ମାଗଣା ବିଦ୍ୟୁତ୍ ଯୋଗାଣ ପାଇଁ ଗତ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ତେଣୁ ଧୂଳି, ଧୂଆଁ, ପାଉଁଶ ପ୍ରଦୂଷଣରେ ଜର୍ଜରିତ ଅନୁଗୋଳ ଜିଲାବାସୀଙ୍କୁ ୨ ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ ଦାବିରେ ଯଥାର୍ଥତା ରହିଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ଅନୁଗୋଳ ଓ ତାଳଚେର ଡିଭିଜନରେ ଥିବା ସେସୁର ଚାରି ଲକ୍ଷ ଗ୍ରାହକଙ୍କ ବିଦ୍ୟୁତ୍ ଦେୟ ରାଜ୍ୟ ସରକାର ଚାହିଁଲେ କମ୍ପାନୀମାନଙ୍କ ସିଏସ୍‌ଆର୍ ଫଣ୍ଡ ଓ ଜିଲା ଖଣିଜ ପାଣ୍ଠିର ସୁଧ ଟଙ୍କାରୁ ଭରଣା କରାଯାଇପାରିବ ବୋଲି କମିଟି ପ୍ରକାଶ କରିଛି। ଆସନ୍ତା ଫେବୃୟାରୀ ୩ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ଘୋଷଣା କରାଯାଇଛି। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ବ୍ରଜବନ୍ଧୁ ସାହୁ, ଦିଲୀପ କୁମାର ଦାସ, ତୀର୍ଥବାସୀ ଭୋଇ, ଦାମୋଦର ଦାସ, ମାନସ ପାଳ, ରମେଶ ଚନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ଦାସ, ହେମନ୍ତ କୁମାର ଦାସ, ଅଶୋକ ପ୍ରଧାନ, ବଳରାମ ବେହେରା, ନିରୁପମା ପ୍ରଧାନ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଅବକାରୀ ଚଢ଼ାଉ, ୭ ଗିରଫ

ଆଠମଲ୍ଲିକ/ଛେଣ୍ଡିପଦା,୨୪।୧(ଡି.ଏନ.ଏ.)

ଆଠମଲ୍ଲିକ ଅବକାରୀ ବିଭାଗ ଠାକୁରଗଡ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢାଉ କରି ୬୨ ଲିଟର ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଗୋପପୁର ଗ୍ରାମର ସୁଲଚନା ପଧାନ, ଓକାଳି ପଧାନ, କଳଚିକଟା ଗ୍ରାମର ସନାତନ ପଧାନ, ପିତାବଳିବାହାଲ ଗ୍ରାମର କର୍ଣ୍ଣ ଦେହୁରୀ, କୁତୁଲସିଙ୍ଗା ଗ୍ରାମର ପ୍ରଦୀପ ଭୋଇଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ସହକାରୀ ଉପ ନିରୀକ୍ଷକ ଅରୁଣ କୁମାର ଚାଉଳିଆ, ଆରକ୍ଷୀ ସଂଯୁକ୍ତା ସାହୁ, ହରିହର ପରିଡା, ମନୋଜ ବେହେରା ପ୍ରମୁଖ ଚଢାଉ କରିଥିଲେ। ସେହିପରି ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଜରପଡା ଥାନା ଅଞ୍ଚଳର ଦୁର୍ଗାପୁର ଓ ପରା ଗ୍ରାମର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଦୁର୍ଗାପୁର ଗ୍ରାମର ମାମି ସେଠୀ(୩୭) ଓ ପରା ଗ୍ରାମର ରୋହିତ ବେହେରା(୪୦)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ୨ଟି ମାମଲା ରୁଜୁ ହୋଇଛି। ଅବକାରୀ ନିରୀକ୍ଷକ କରୁଣା ଶଙ୍କର ତିୱାରୀ, ଉପନିରୀକ୍ଷକ ଅରିବିନ୍ଦ ରାଉତ ରାଏ, ବିଜୟ ସାମଲଙ୍କ ସମେତ ଅବକାରୀ ବିଭାଗର କର୍ମଚାରୀ ସାମିଲ ଥିଲେ।

# ଜାତୀୟ ଶିଶୁକନ୍ୟା ଦିବସ

ଆଠମଲ୍ଲିକ,୨୪।୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ସଭାଗୃହରେ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପତକା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଶ୍ୱିନୀ କୁମାର କ୍ଷେତୀ ଯୋଗଦେଇ କନ୍ୟାସନ୍ତାନଙ୍କ ସୁରକ୍ଷା, ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବାବେଳେ ଅନ୍ୟତମ ଅତିଥି ଭାବରେ ଆଠମଲ୍ଲିକ ବ୍ଲକ ଜିପିଓ ବିଜୟ କୁମାର ନାଏକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତରଙ୍ଗିଣୀ ମିର୍ଦ୍ଧା, ଶିଶୁ ବିକାଶ ବିଭାଗର ସୁପରଭାଇଜର ଶକୁନ୍ତଳା ମହାଳିକ ଯୋଗ ଦେଇଥିଲେ। ମାଧପୁର ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରିୟନାଥ ତ୍ରିପାଠୀ ସଂଯୋଜନା କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ


ଜୟନ୍ତୀ ପାଳନ ଅବସରରେ ଅତିଥି ଓ ଛାତ୍ରୀଛାତ୍ରମାନେ।

ତାଳଚେର,୨୪।୧(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ଶିଶୁ ବିଦ୍ୟାମନ୍ଦିରରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ଆଚାର୍ଯ୍ୟ ବୀରେନ ପ୍ରଧାନ ଯୋଗଦେଇ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଆଚାର୍ଯ୍ୟ ଶରତ ଚନ୍ଦ୍ର ଦାସ ଅତିଥି ପରିଚୟ, ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ନେତାଜୀ ଓ ସାଏଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ଦମୟନ୍ତୀ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ମଳୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଚତୁର୍ଭୁଜ ସାହୁ, କୁମୁଦ ବେହେରା, ଶୁଶ୍ରୀ ତ୍ରିପାଠୀ, ସ୍ନେହଲତା ସ୍ୱାଇଁ, ଗୀତାଞ୍ଜଳି ପଟ୍ଟନାୟକ, ବୀଣାପାଣି ବାରିକ, ତ୍ରିଲୋଚନ ବେହେରା, ସରସ୍ୱତୀ ସାହୁ, ମୋନାଲିସା ମହାନ୍ତିଙ୍କ ସମେତ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ।

## ନୂତନ ଜ୍ଞାନ କୌଶଳରେ ଗୋମହିଷାଦିଙ୍କ ଗର୍ଭ ପରୀକ୍ଷା

ଛେଣ୍ଡିପଦା,୨୪।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତରେ ଭାରତୀୟ କୃଷି ଶିଳ୍ପ ସଂସ୍ଥା (ବାଏଫ୍) ପକ୍ଷରୁ ଉନ୍ନତ ଜ୍ଞାନକୌଶଳରେ ମାଗଣାରେ ଗୋମହିଷାଦି ଗର୍ଭ ପରୀକ୍ଷା କରାଯାଇଛି। ଛେଣ୍ଡିପଦା ପ୍ରାଣୀଧନ ଚିକିତ୍ସାଧିକାରୀ ବିକାଶ ରଞ୍ଜନ ବେହେରା ଓ ଅନୁଗୋଳ ଜିଲା କ୍ଷେତ୍ରାଧିକାରୀ ମନିଷ ତିୱାରୀଙ୍କ ତତ୍ତ୍ୱାବଧାନରେ ମାଗଣାରେ ଏହି ପରୀକ୍ଷା ନିମନ୍ତେ ପାତ୍ରପଡା ବିକାଶ ଅଧିକାରୀ ଦିଲୀପ କୁମାର ପ୍ରଧାନଙ୍କୁ ପରୀକ୍ଷାମୂଳକ ଭାବେ ୧୫ଟି କିଟ୍ ଯୋଗାଇ ଦିଆଯାଇଥିଲା। ପ୍ରଥମ ଦିନରେ ୫ଟି ଗାଈଙ୍କ ଗର୍ଭ ପରୀକ୍ଷା କରାଯାଇଥିଲା। ଗାଈ କ୍ଷୀରରୁ କିଟ୍ ମାଧ୍ୟମରେ କରାଯାଇଥିବା ଏହି ପରୀକ୍ଷା ପ୍ରଥମଥର ପାଇଁ କରାଯାଇଛି। ଛେଣ୍ଡିପଦା ବ୍ଲକର ଦୁର୍ଗାପୁର, ବାଗଡିଆ ଓ ପାଲଲହଡା ବ୍ଲକର କରଡାପାଲ କେନ୍ଦ୍ରରେ ମଧ୍ୟ ଖୁବ୍‌ଶୀଘ୍ର ଗର୍ଭ ପରୀକ୍ଷା ଏହି କିଟ୍ ମାଧ୍ୟମରେ କରାଯିବ ବୋଲି ଅନୁଗୋଳ ଜିଲା କ୍ଷେତ୍ରାଧିକାରୀ ପ୍ରକାଶ କରିଛନ୍ତି। ଆଗରୁ ଗୋମହିଷାଦିଙ୍କ ଗର୍ଭପରୀକ୍ଷା ନିମନ୍ତେ ୩ମାସ ସମୟ ଲାଗୁଥିଲା। କିନ୍ତୁ ବାଏଫ ପକ୍ଷରୁ ଯୋଗାଇ ଦିଆଯାଇଥିବା ଏହି କିଟ୍‌ରେ ଚାଷୀମାନେ ୧୯ ଦିନ ମଧ୍ୟରେ ଗୋମହିଷାଦିଙ୍କ ଗର୍ଭଧାରଣ ସମ୍ପର୍କରେ ଜାଣିପାରିବେ ବୋଲି ଛେଣ୍ଡିପଦା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ପ୍ରକାଶ କରିଛନ୍ତି।

# ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ନିମନ୍ତେ ବୈଠକ

ପବିତ୍ରନଗର,୨୪।୧(ଡି.ଏନ.ଏ.)



କଣିହାଁ ବ୍ଲକ ପବିତ୍ରନଗରଠାରେ ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା ବିପ୍ଳବୀ ନେତା ସ୍ୱର୍ଗତ ପବିତ୍ରମୋହନ ପ୍ରଧାନଙ୍କ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ ପାଳନ କମିଟି ସଭାପତି ମାନସ ରଞ୍ଜନ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଫେବୃୟାରୀ ୮ରେ ଜୟନ୍ତୀ ପାଳନ ହେବ ବୋଲି ଉପସ୍ଥିତି ବୁଦ୍ଧିଜୀବୀ ମତାମତ ରଖିଥିଲେ। ବୈଠକରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା, ସମାଜିକ କର୍ମୀ କୈଳାସ ଚନ୍ଦ୍ର ସାହୁ, ପ୍ରହ୍ଲାଦ ସାମଲ, ମହେଶ୍ୱର ପ୍ରଧାନ, ଦୁଃଖବନ୍ଧୁ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ହୃଦୟ ଚନ୍ଦ୍ର ପ୍ରଧାନ, ରବିଚନ୍ଦ୍ର ରାଉତ, ରମେଶ ଜେନା, ପ୍ରମୋଦ ସାହୁ, ଉଦୟ ପ୍ରଧାନ, ନାରାୟଣ ରାଉତଙ୍କ ସମେତ ବିଭିନ୍ନ ଗ୍ରାମରୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ ଯୋଗ ଦେଇଥିଲେ।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କଣିହାଁ,୨୪।୧(ଡି.ଏନ.ଏ.)


କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିମାନେ।

କଣିହାଁ ବ୍ଲକ ସୁଶୁବା ପଞ୍ଚାୟତର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗ ଦେଇଥିଲେ। ସରପଞ୍ଚ ଦେବରାଜ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେଡି ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ସମିତିସଭ୍ୟ କୃପାସିନ୍ଧୁ ସାହୁ, ପୂର୍ବତନ ସମିତିସଭ୍ୟ ମଦନ ମୋହନ ସାହୁ, ଶିକ୍ଷାବିତ ନୀଳକଣ୍ଠ ସାହୁ ଯୋଗ ଦେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସୁଶୁବା ଗ୍ରାମରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବିଲ୍ଡିଂକୁ ବିଧାୟକ ଉଦ୍‌ଘାଟନ କରିଥିଲେ।

# ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର କଲା ପୋଲିସ

ବଇଣ୍ଡା/ମାଧପୁର,୨୪।୧(ଡି.ଏନ.ଏ.)

**ଏଯାଏ ମିଳିନାହିଁ ପରିଚୟ**

ଅନୁଗୋଳ ଜିଲା କିଶୋରନଗର ଥାନା ମାନଜୋର ନିକଟସ୍ଥ ଉପରମୁଣ୍ଡ ଜଙ୍ଗଲରେ ପଡ଼ିଥିବା ଏକ ଯୁବତୀଙ୍କ ଗଳିତ ମୃତଦେହକୁ କିଶୋରନଗର ପୋଲିସ ଶୁକ୍ରବାର ଉଦ୍ଧାର କରିଛି। ଏ ସଂକ୍ରାନ୍ତରେ ନଂ. ୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତାହାକୁ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲକୁ ପଠାଇଦେଇଛି। ଗୁରୁବାର ତଦନ୍ତରେ ବିଳମ୍ବ ହେବା ସହ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ପାରି ନ ଥିଲା। କିନ୍ତୁ ଶୁକ୍ରବାର ସକାଳେ ଉକ୍ତ ଜଙ୍ଗଲକୁ ଆଠମଲ୍ଲିକ ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା, ଆଠମଲ୍ଲିକ ଆଇଆଇସି ପ୍ରିୟବ୍ରତ ଦାସ, କିଶୋରନଗର ଆଇଆଇସି ପ୍ରତିଭା ମାଝି, ତଦନ୍ତକାରୀ ଅଧିକାରୀ କେଳୁଚରଣ ଜେନା ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ଆଠମଲ୍ଲିକ ଆସିଷ୍ଟାଣ୍ଟ କଲେକ୍ଟର ନାରାୟଣ ମହାପାତ୍ରଙ୍କ ଉପସ୍ଥିତିରେ ଉକ୍ତ ମୃତଦେହ ଜବତ କରାଯାଇଥିଲା। ଏ ନେଇ ଆଠମଲ୍ଲିକ ଏସ୍‌ଡିପିଓ କହିଛନ୍ତି, ଉକ୍ତ ଜଙ୍ଗଲରୁ ଉଦ୍ଧାର କରାଯାଇଥିବା ମୃତଦେହର ପରିଚୟ ମିଳିପାରି ନାହିଁ। ମାସତଳେ କେହି ହତ୍ୟା କରି ଘଟଣାକୁ ଲୁଚାଇ ଦେବା ପାଇଁ ଜଙ୍ଗଲରେ ଫିଙ୍ଗି ଦେଇଛନ୍ତି। ଆଠମଲ୍ଲିକ ଥାନା ଡିଗିପଦର ଗ୍ରାମର ଜଣେ ଅଙ୍ଗନୱାଡି କର୍ମୀ ଓ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ଯୁବତୀ ନିଖୋଜ ଅଛନ୍ତି। ସେମାନଙ୍କ ପରିବାର ସହ ନିକଟସ୍ଥ ଅଞ୍ଚଳରେ ଥିବା କିଛି ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଘଟଣାସ୍ଥଳକୁ ଡାକି ମୃତଦେହ ଓ ପଡ଼ିଥିବା ବସ୍ତ୍ରଗୁଡ଼ିକୁ ଦେଖାଯାଇଥିଲା। ହେଲେ ନିଖୋଜ ଥିବା ଅଙ୍ଗନୱାଡି କର୍ମୀଙ୍କ ପରିବାର ଲୋକେ କିମ୍ବା ଉପସ୍ଥିତ ଥିବା ଅନ୍ୟ ମହିଳାମାନେ କଙ୍କାଳ କି ଅନ୍ୟସାମଗ୍ରୀକୁ ଚିହ୍ନିପାରି ନ ଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଉକ୍ତ କଙ୍କାଳ ଜଣେ ବିବାହିତା ମହିଳାଙ୍କର ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

# ଦସ୍ତଖତ ନେଇ ଅଢ଼େଇ କୋଟି ଟଙ୍କା ଋଣ ଉଠାଣ

ବଇଣ୍ଡା,୨୪।୧(ଡି.ଏନ.ଏ.)

■ଶୁଝିବା ନୋଟିସ୍ ପାଇ ଚିନ୍ତାରେ ଚାଷୀ
■ଥାନାରେ ହୋଇନାହିଁ ଅଭିଯୋଗ


ବ୍ୟାଙ୍କ ନୋଟିସ ପାଇଥିବା ଚାଷୀମାନେ ତାହାକୁ ଦେଖାଉଛନ୍ତି।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ଅମାସମା, ବାସୁଦେବପୁର, ଧଣ୍ଡାତୋପା, ଆରମପୁର ଆଦି ଗ୍ରାମର ୨୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଦସ୍ତଖତ ନେଇ ଠାକୁରଗଡ଼ସ୍ଥିତ ଓଡ଼ିଶା ଗ୍ରାମ ବ୍ୟାଙ୍କ ଶାଖାରୁ ଅଢେଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ କରାଯାଇଥିବା ଜଣାପଡ଼ିଛି। ଦୀର୍ଘ ୮ ବର୍ଷ ତଳେ ଏହି ଋଣ କରାଯାଇଥିବାବେଳେ ପରିଶୋଧ କରିବା ପାଇଁ କିଛିଦିନ ତଳେ ବ୍ୟାଙ୍କ ପକ୍ଷରୁ ଚାଷୀମାନଙ୍କୁ ନୋଟିସ ଦିଆଯାଇଛି। ଫଳରେ ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି।

ଅଲେଖପୁର ଗ୍ରାମର ଚାଷୀ ସୌରା ପ୍ରଧାନ, ଉଦ୍ଧବ ସାହୁ, ଯାଦବ ସାହୁ, କୈଳାସ ପ୍ରଧାନ, ଅମାସମା ଗ୍ରାମର ରବି ପ୍ରଧାନ, ରମେଶ ନାୟକ, ଜନକ ପ୍ରଧାନଙ୍କ ଅଭିଯୋଗ କରିଛନ୍ତି ଯେ, ୨୦୧୨ରେ କିଶାନ କ୍ରେଡିଟ କାର୍ଡ ଯୋଗେ ପୁରୁଣାପାଣି ଗ୍ରାମର ଜନୈକ ବ୍ୟକ୍ତି ଋଣ କରାଇଦେବା ପାଇଁ କହି ଏକ ଫର୍ମରେ ଦସ୍ତଖତ ନେଇଥିଲେ। ପରେ ଯେଉଁ ସ୍କିମରେ ସରକାର ଋଣ ଦେବା କଥା ସେହି ସ୍କିମ ବନ୍ଦ କରି ଦିଆଯାଇଛି ବୋଲି ସମ୍ପୃକ୍ତ ବ୍ୟକ୍ତି ଜଣକ କହିଥିଲେ। ହେଲେ କିଛିମାସ ହେବ ପ୍ରତ୍ୟେକ ଚାଷୀଙ୍କ ନାମରେ ୮୦ ହଜାରରୁ ଦେଢ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଶୁଝିବା ପାଇଁ ନୋଟିସ ଦିଆଯାଇଛି। ଉକ୍ତ ନୋଟିସ ପାଇବା ପରେ ଚାଷୀମାନେ ଶାଖା ପରିଚାଳକ ଓ ଦସ୍ତଖତ ନେଇଥିବା ବ୍ୟକ୍ତିଙ୍କ ଦ୍ୱାରସ୍ଥ ହୋଇଥିଲେ। ଶାଖା ପରିଚାଳକ ଚାଷୀମାନଙ୍କୁ ସେମାନଙ୍କ ନାଁରେ ଋଣ ନିଆଯାଇଛି କହି ପରିଶୋଧ କରିବାକୁ ପଡ଼ିବ ବୋଲି ପରାମର୍ଶ ଦେଇଥିଲେ। ପରେ ଚାଷୀମାନେ ଦସ୍ତଖତ ନେଇଥିବା ଯୁବକଙ୍କୁ ଅବଗତ କରାଇଥିଲେ ମଧ୍ୟ ଏହି ନୋଟିସ କିଛି ନୁହେଁ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ। ତୁରନ୍ତ ଏହାର ତଦନ୍ତ କରି ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଶାଖା ପରିଚାଳକ ଜିତେନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଏ ନେଇ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ କୁହନ୍ତି, ଋଣ କରିବା ଠକେଇ ଅଭିଯୋଗ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ପରେ ତଦନ୍ତ କରାଯିବ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଜାନୁୟାରୀ ୨୫ /୨୦୨୦, Dhenkanal, Saturday, January 25 / 2020


# ନାଲ୍‌କୋ ସିଏମ୍‌ଡିଙ୍କୁ ସାକ୍ଷାତ, ଦାବିପତ୍ର

**ଅନୁଗୋଳ ଅଫିସ୍, ୨୪।୧**

ଅନୁଗୋଳ ଜିଲା ନାଲ୍‌କୋ ଗସ୍ତରେ ଥିବା ସିଏମ୍‌ଡି ଶ୍ରୀଧର ପାତ୍ରଙ୍କୁ ଶୁକ୍ରବାର ନାଲ୍‌କୋ ଟ୍ରେନିଂ ସେଣ୍ଟରଠାରେ ‘ଆମ ଅନୁଗୋଳ ଆମ ଗୌରବ’ର ଏକ ପ୍ରତିନିଧି ମଣ୍ଡଳୀ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ସଭାପତି ଚନ୍ଦ୍ରକାନ୍ତ ଧଳଙ୍କ ନେତୃତ୍ୱରେ ଯାଇଥିବା ଉକ୍ତ ପ୍ରତିନିଧିମଣ୍ଡଳୀ ଜିଲାବାସୀଙ୍କ ପକ୍ଷରୁ ଏକ ୬ ଦଫା ଦାବିପତ୍ର ସିଏମ୍‌ଡିଙ୍କୁ ପ୍ରଦାନ କରିଥିଲେ। ଦୀର୍ଘ ଦିନ ଧରି ନିଯୁକ୍ତି ବନ୍ଦ ହୋଇଯାଇଥିବାରୁ ଜେଓଟି, ଏସ୍‌ଓଟି ପଦ ଓ ଅନ୍ୟାନ୍ୟ ପଦ ଆଞ୍ଚଳିକସ୍ତରରେ ପୂରଣ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ନାଲ୍‌କୋର ଆବଶ୍ୟକତା ପୂରଣ ପାଇଁ ସ୍ଥାନୀୟ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦିଆଯାଇ ଛୋଟ ଛୋଟ ଶିଳ୍ପକୁ ଅଗ୍ରାଧିକାର ଦେବା, ଆର୍‌ପିଡିଏସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବା, ପାରିପାର୍ଶ୍ୱିକ ୩୯ଟି ଗ୍ରାମର ଉନ୍ନୟନ କରିବା ଆଦି ଦାବି କରାଯାଇଥିଲା। ଉକ୍ତ ଦାବିଗୁଡ଼ିକ ପ୍ରତି ସହାନୁଭୂତିର ସହିତ ବିଚାର କରାଯିବ ବୋଲି ସିଏମ୍‌ଡି ପାତ୍ର ପ୍ରତିଶ୍ରୁତି ଦେଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସଭାପତିଙ୍କ ସହିତ ସମ୍ପାଦକ ଗୋଲକ ଚନ୍ଦ୍ର ସାହୁ, ଉପଦେଷ୍ଟା ଅମିୟ ତ୍ରିପାଠୀ, ସୁଧୀର ରଞ୍ଜନ ସାହୁ ଓ ବ୍ରଜବନ୍ଧୁ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।


ନାଲ୍‌କୋ ସିଏମ୍‌ଡିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

**ବଅଁରପାଳ,୨୪।୧ (ଡି.ଏନ୍.ଏ.)**

ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଡିଜିଏମ୍ ଏସ୍.ଏସ୍. ପଣ୍ଡା, ଡିଜିଏମ୍ ବି.ଏନ୍. ଦାସଙ୍କ ସହ ନାଲ୍‌କୋ ଅଫିସର୍ସ ଆସୋସିଏଶନ ସଭାପତି ପି.କେ. ମଲ୍ଲିକ, ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସଂଘ ସଭାପତି ଭାବେ କେଦାରନାଥ ଦେହୁରୀ, ଉପସଭାପତି ଛବିନ୍ଦ୍ର ଭୋଇ, ଭାସ୍କର ନାୟକ, ସାଧାରଣ ସମ୍ପାଦକ ବନବିହାରୀ ନାୟକ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ରନାଥ ହେମ୍ବ୍ରମ୍, ରାଜକିଶୋର ବେହେରା, ସାଙ୍ଗଠନିକ ସମ୍ପାଦକ ଅକ୍ଷୟ କୁମାର ବାଡ୍ରା, ନିର୍ମଳ କୁମାର ସିହ୍ନା, କୋଷାଧ୍ୟକ୍ଷ ଦେବେନ୍ଦ୍ର ଓରାମ୍, ଉପକୋଷାଧ୍ୟକ୍ଷ ଗୋପୀନାଥ ହେସା ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ ସେମାନଙ୍କୁ ଶପଥପାଠ କରାଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ନାରାୟଣ ସେଠୀ, ଦିବାକର ନାୟକ, ବିକ୍ରମ ହାଁସଦା, ପଞ୍ଚାନନ ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



ଶପଥଗ୍ରହଣ ଉତ୍ସବରେ ନାଲ୍‌କୋ ଅଧିକାରୀଙ୍କ ସହ ଉପସ୍ଥିତ ସଂଘ କର୍ମକର୍ତ୍ତା।

# ରାଧାମାଧବ କ୍ରିକେଟ୍ : ଫୁଲପଡ଼ା ଚାମ୍ପିୟନ

**ବନ୍ତଲା, ୨୪।୧(ଡି.ଏନ.ଏ.):** ଅନୁଗୋଳ ବ୍ଲକ ଇଙ୍କରବନ୍ଧ ରାଧାମାଧବ କ୍ଲବ ପକ୍ଷରୁ ଚାଲିଥିବା ରାଧାମାଧବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଖଲାରୀ ଓ ଫୁଲପଡ଼ା ଟିମ୍ ମଧ୍ୟରେ ଖେଳାଯାଇଥିଲା। ଖଲାରୀ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ଫୁଲପଡ଼ା ୧୯.୩ ଓଭରରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଫୁଲପଡ଼ା ଦଳ ପକ୍ଷରୁ ମନୋଜ କୁମାର ଗଡ଼ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବସନ୍ତ କୁମାର ପ୍ରଧାନ ଓ ଦୀପକ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଆୟୋଜକଙ୍କ ପକ୍ଷରୁ ପିଙ୍କୁ ବେହେରା, ଟିପୁ ସାହୁ, ଦୀନେଶ ସାହୁ, ପ୍ରଶାନ୍ତ ବେହେରା, ମାନସ ପ୍ରଧାନ, ପପୁ ସାହୁ, ରିଙ୍କୁ ସାହୁ, ବାପୁ ସାହୁ, ଅନିଲ ସାହୁ ଓ ସିପୁ ବେହେରା ପ୍ରମୁଖ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ସରପଞ୍ଚ ପ୍ରିୟମ୍ବଦା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ।


ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।






# ଯୁବତୀଙ୍କୁ ହତ୍ୟା ଧମକ ଅଭିଯୋଗ

**ଅନୁଗୋଳ ଅଫିସ୍, ୨୪।୧:** ଅନୁଗୋଳ ଥାନା କୁଶାସିଂହା ଗ୍ରାମର ଶିପୁନ୍ ବେହେରା ରବିବାର ସନ୍ଧ୍ୟା ୬ଟାରେ ଜଣେ ଯୁବତୀଙ୍କ ଘରେ ପଶି ହତ୍ୟା ଧମକ ଦେବା ସହିତ ଟଙ୍କା ଛଡ଼ାଇ ନେଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ସମ୍ପୃକ୍ତା ଯୁବତୀ କହିଛନ୍ତି ଯେ, ସନ୍ଧ୍ୟା ସମୟରେ ଶିପୁନ୍ ଏକ ଭୁଜାଲି ଧରି ଘର ଭିତରେ ପଶି ୨ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏପରି କି ପୋଲିସକୁ ଫୋନ କଲେ ହତ୍ୟା କରିବା ପାଇଁ ଧମକ ଦେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ ନଂ. ୭୫/୨୦ରେ ଏକ ମାମଲା ରୁଜୁ କରି ଚୁପ୍ ରହିଛି। ପରିବାରବର୍ଗ ଭୟଭୀତ ଅବସ୍ଥାରେ ଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସମ୍ପୃକ୍ତା ଯୁବତୀ ଦାବି କରିଛନ୍ତି।

# ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୪।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ସନ୍ତୋଷୀ ବାରିକଙ୍କୁ ପଡ଼ୋଶୀ ନିଲୁ ପ୍ରଧାନ ମାଡ଼ ମାରିଥିବା ଗୁରୁବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୩/୨୦୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସନ୍ତୋଷୀଙ୍କ ପୋଷା କୁକୁରକୁ ନିଲୁ ଏକ ବାଡ଼ିରେ ପିଟିଥିଲେ। ଏହାଦେଖି ସନ୍ତୋଷୀ ପ୍ରତିବାଦ କରିଥିଲେ। ଏଥିରେ ନିଲୁ ଉତ୍କ୍ଷିପ୍ତ ହୋଇ ତାଙ୍କୁ ପିଟିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।













Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ